بسم الله الرحمٰن الرحيم

**ଖୁତ୍‌ବା ଜୁମା ୧୫ ଜାନୁଆରୀ ୨୦୨୧ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

## ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ୍‌ରତ ଅଲୀ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

## ଡ଼ିଜ଼ିଟାଲ୍ ପ୍ଲାଟ୍‌ଫର୍ମରେ ୨୪ ଘଣ୍ଟା ଧରି ପ୍ରସାରିତ ହୋଇ ପାରୁଥିବା ନୂତନ ଟି.ଭି ଚ୍ୟାନେଲ "ଏମ.ଟି.ଏ ଘାନାର କଲ୍ୟାଣମୟ ଉଦ୍‌ଘାଟନ ।"

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜ୍ରୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ହଜ଼ରତ ଅଲୀ ର.ଅଙ୍କର ଚର୍ଚ୍ଚା ଚାଲିଥିଲା । ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ହସନ୍ ର.ଅ ନିଜ ପିତା ହ. ଅଲୀ ର.ଅଙ୍କୁ ପ୍ରଶ୍ନ କଲେ କି ଆପଣଙ୍କୁ ମୋ ସହିତ ପ୍ରୀତି ରହିଛି ? ହଜ଼ରତ ଅଲୀ ର.ଅ କହିଲେ ହଁ । ହଜ଼ରତ ହସନ୍ ର.ଅ ପୁନର୍ବାର ପ୍ରଶ୍ନ କଲେ କି କ'ଣ ଆପଣ ଅଲ୍ଲାଃତାଲାଙ୍କୁ ଭଲ ପାଉଛନ୍ତି ? ହଜ଼ରତ ଅଲୀ ର.ଅ କହିଲେ ହଁ । ହଜ଼ରତ ହସନ୍ ର.ଅ କହିଲେ ତାହାହେଲେ ଆପଣ ଏକ ଶିର୍କକାରୀ ହେଲେ । ଶିର୍କ ଏହାକୁ କହନ୍ତି ଯେ, ଅଲ୍ଲାଃତାଲାଙ୍କ ସହିତ ତାଙ୍କ ପ୍ରେମରେ ଅନ୍ୟକୁ ସାମିଲ୍ କରିନେବା । ହ. ଅଲୀ ର.ଅ କହିଲେ ହସନ୍ ! ମୁଁ ଶିର୍କକାରୀ ନୁହେଁ । ନିଃସନ୍ଦେହରେ ମୁଁ ତୁମକୁ ଭଲପାଏ କିନ୍ତୁ ଯେତେବେଳେ ତୁମର ପ୍ରେମ ଅଲ୍ଲାଃତାଲାଙ୍କୁ ପ୍ରେମ କରବା ମୁକାବିଲାରେ ଆସିଯିବ ସେତେବେଳେ ମୁଁ ଯଥାଶୀଘ୍ର ତୋ' ପ୍ରେମକୁ ପରିତ୍ୟାଗ କରିଦେବି ।

ହଜ଼ରତ ମୁସଲେହ୍ ମଉଦ୍ ର.ଅ କହନ୍ତି କି ହ. ଅଲୀ ର.ଅ ଯେତେବେଳେ କୌଣସି ବଡ଼ ବିପତ୍ତିର ସମ୍ମୁଖୀନ ହେଉଥିଲେ ସେତେବେଳେ ସେ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଆ କରୁଥିଲେ କି يا كهيعص اغفرلي ଅର୍ଥାତ୍ ହେ କାଫ୍ ହା ୟା ଐନ୍ ସାଦ୍ ! ମୋତେ କ୍ଷମା କରିଦିଅ । ରସୁଲ୍ କରୀମ୍ ସ.ଅ କହିଲେ କି କାଫ୍‌ରୁ ଯଥାର୍ଥ ଅଲ୍ଲାତାଲାଙ୍କ ବିଶେଷ ଗୁଣାବଳୀ ଅର୍ଥାତ୍ ଯଥେଷ୍ଟ, ହା'ରୁ ଯଥାର୍ଥ ଅଲ୍ଲାଃତାଲାଙ୍କ ମାର୍ଗଦର୍ଶନକାରୀ ଗୁଣାବଳୀ, ଐନରୁ ଯଥାର୍ଥ ଅଲ୍ଲାଃତାଲାଙ୍କର ବିଶିଷ୍ଟ ଗୁଣ ସର୍ବଜ୍ଞ ଏବଂ ସ୍ୱାଦ'ରୁ ଯଥାର୍ଥ ଅଲ୍ଲାଃତାଲାଙ୍କର ବିଶିଷ୍ଟ ଗୁଣ ସତ୍ୟବାଦୀ ଅଟେ । ଅର୍ଥାତ ହ.ଅଲୀ ର.ଅ ଏହି ଦୁଆ ମାଗୁଛନ୍ତି ଯେ, ହେ ଅଲ୍ଲାଃ ! ତୁମେ ଯଥେଷ୍ଟ, ତୁମେ ହିଁ ମାର୍ଗଦର୍ଶନକାରୀ, ତୁମେ ହିଁ ସର୍ବଜ୍ଞ ଏବଂ ତୁମେ ହିଁ ଶାଶ୍ୱତ ଅଟ । ତୁମକୁ ତୁମର ଏହି ଗୁଣାବଳୀର ଦ୍ୱାହି ଦେଇ ତୁମ ନିକଟରେ ପ୍ରାର୍ଥନା କରୁଛି ଯେ, ମୋତେ କ୍ଷମା କରିଦିଅ ।

ହଜ଼ରତ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ବ୍ୟାଖ୍ୟାକାରୀମାନେ ହ. ଅଲୀ ର.ଅଙ୍କ ଏକ ଘଟଣା ବର୍ଣ୍ଣନା କରନ୍ତି ଯେ, ଏକଦା ସେ ନିଜ ଚାକରକୁ ଡ଼ାକ ମାରିଲେ, କିନ୍ତୁ ସେ କୌଣସି ଉତ୍ତର ଦେଲା ନାହିଁ । ହ. ଅଲୀ ବାରମ୍ବାର ଡ଼ାକ ମାରିଲେ, ତଥାପି ସେ କୌଣସି ଉତ୍ତର ଦେଲା ନାହିଁ । କିଛି ସମୟ ପରେ ଯେତେବେଳେ ସେହି

ଚାକର ବାଳକଟି ଦୈବାତ୍ ତାଙ୍କୁ ନଜର ଆସିଲା ସେତେବେଳେ ହ. ଅଲୀ ତାକୁ ପଚାରିଲେ ଯେ, ଆରେ ଦାସ ! ତୋତେ କ'ଣ ହୋଇଛି ମୁଁ ତୋତେ ଏତେ ଡ଼ାକ ମାରୁଛି ଅଥଚ ତୁ ମୋ ଡ଼ାକ'ର ଉତ୍ତର ଦେଲୁ ନାହିଁ ? ପ୍ରତ୍ୟୁତ୍ତରରେ ସେ କହିଲା କି ପ୍ରକୃତ କଥା ହେଉଛି ଯେ, ମୋତେ ଆପଣଙ୍କର ବିନମ୍ରତା ଉପରେ ପୂର୍ଣ୍ଣ ବିଶ୍ୱାସ ରହିଥିଲା ଏବଂ ଆପଣଙ୍କ ଶାସ୍ତିରୁ ମୁଁ ନିଜକୁ ସୁରକ୍ଷିତ ମନେ କରୁଛି । ଏଣୁ ମୁଁ ଆପଣଙ୍କ କଥାର ଉତ୍ତର ଦେଲି ନାହିଁ । ହ. ଅଲୀ ର.ଅ ଉକ୍ତ ଚାକର ବାଳକଟିର ଉତ୍ତରଟିକୁ ଶୁଣି ଅତି ପ୍ରସନ୍ନ ହେଲେ ଏବଂ ତାହାକୁ ସ୍ୱାଧୀନ କରିଦେଲେ । ହୁଜୁର ଅନୱର୍ ଅ.ବ କହିଲେ : ବର୍ତ୍ତମାନ ହ. ଅଲୀ ର.ଅଙ୍କ ସ୍ଥାନରେ ଅନ୍ୟ କେହି ସାଂସାରିକ ବ୍ୟକ୍ତି ହୋଇ ଥାଆନ୍ତା ତାହାହେଲେ ସେ ସେହି ବାଳକଟିକୁ ଅବଶ୍ୟ ଦଣ୍ଡ ଦେଇ ଥାଆନ୍ତା ଯେ, ତୁ ମୋର ବିନମ୍ରତାର ପରୀକ୍ଷା ନେଉଛୁ ଏବଂ ମୋର ଖାତିର କରୁ ନାହୁଁ । କିନ୍ତୁ ହ. ଅଲୀ ର.ଅ ସେହି ବାଳକକୁ ପୁରସ୍କୃତ କଲେ ।

ହ. ମୁସଲେହ୍ ମଉଦ୍ ର.ଅ କହନ୍ତି କି ରସୁଲ୍ କରୀମ୍ ସ.ଅଙ୍କୁ କୌଣସି ଏକ ସାହାବୀ ଖାଦ୍ୟ ଖାଇବା ପାଇଁ ନିମନ୍ତ୍ରଣ କଲେ । ଅନ୍ୟ କେତେକ ସାହାବାମାନଙ୍କୁ ମଧ୍ୟ ଆମନ୍ତ୍ରିତ କରାଯାଇଥିଲା । ତନ୍ମଧ୍ୟରେ ହ. ଅଲୀ ର.ଅ ମଧ୍ୟ ସାମିଲ ଥିଲେ । ହ. ଅଲୀ ଅନ୍ୟ ସାହାବାମାନଙ୍କ ତୁଳନାରେ ସାନ ଥିଲେ । ଅତଏବ ଅନ୍ୟ ସାହାବାମାନଙ୍କ ମନରେ ହ. ଅଲୀ ର.ଅଙ୍କ ପ୍ରତି ଥଟ୍ଟା କରିବାର ବିଚାର ଆସିଲା । ସୁତରାଂ ସେହି ସାହାବାମାନେ ଖଜୁରୀ କୋଳି ଖାଇ ଚାଲୁଥିଲେ ଏବଂ ମଞ୍ଜି ହ. ଅଲୀଙ୍କ ସମ୍ମୁଖରେ ରଖି ଯାଉଥିଲେ । କିଛି ସମୟ ପରେ ସାହାବାମାନେ ଉପହାସ ପୂର୍ବକ ହ. ଅଲୀ ର.ଅଙ୍କୁ କହିଲେ କି ଆରେ ତୁମେ ସମସ୍ତ ଖଜୁରୀ କୋଳି ଖାଇଗଲ । ହେଇ ଦେଖୁନ ତୁମ ଆଗରେ ପରା ସମସ୍ତ ଖଜୁରୀ ମଞ୍ଜୀ ପଡ଼ି ରହିଛି । ଅତଏବ ଯଦି ହ. ଅଲୀ ର.ଅଙ୍କ ସ୍ୱାଭାବରେ ବିରକ୍ତିଭାବ ଥାଆନ୍ତା ତାହାହେଲେ ସେ ସାହାବାମାନଙ୍କ ସହିତ ଯୁକ୍ତିତର୍କ କରି ଥାଆନ୍ତେ ଏବଂ କହି ଥାଆନ୍ତେ ଯେ, ଆପଣମାନେ ମୋ ଉପରେ ଲାଞ୍ଛନ ଲଗାଉଛନ୍ତି କିମ୍ବା ମୋ ସଂପର୍କରେ କୁଧାରଣା ପୋଷଣ କରୁଛନ୍ତି । ହ. ଅଲୀ ର.ଅ ବୁଝିଗଲେ କି ଏହା ପରିହାସ, ଯାହା ତାଙ୍କ ସହିତ କରାଯାଇଛି । ବର୍ତ୍ତମାନ ମୋର ଏହି ସୌଜନ୍ୟତାମୂଳକ ଗୁଣ ରହିଛି ମୁଁ ମଧ୍ୟ ଆପଣମାନଙ୍କର ଏହି ପରିହାସର ଉତ୍ତର ମଧ୍ୟ ପରିହାସରେ ପ୍ରଦାନ କରିବି । ଅତଏବ ହ. ଅଲୀ ର.ଅ ସେମାନଙ୍କୁ କହିଲେ ଆଚ୍ଛା ଆପଣମାନେ ଖଜୁରୀ ମଞ୍ଜୀ ମଧ୍ୟ ଖାଇଗଲେ କିନ୍ତୁ ମୁଁ ତ' ମଞ୍ଜିଗୁଡ଼ିକ ଖାଇ ନଥାଏ ବରଂ ରଖି ଦେଇଥାଏ । ତେଣୁ ସାହାବାମାନଙ୍କର ଏହି ପରିହାସଟି ସେମାନଙ୍କ ଉପରକୁ ଓଲଟି ଗଲା ।

କୁରଆନ୍ କରୀମ୍‌ର ଏହି ଆଦେଶ ରହିଛି ଯେତେବେଳେ ତୁମେମାନେ ରସୁଲ୍ କରୀମ୍ ସ.ଅଙ୍କ ଠାରୁ କୌଣସି ପରାମର୍ଶ ନେବାକୁ ଯାଅ ତାହାପୂର୍ବରୁ ଦାନ ଦକ୍ଷିଣା ଦେଇଦିଅ । ଅତଏବ ଯେତେବେଳେ ଏହି ଆଦେଶଟି ଅବତୀର୍ଣ୍ଣ ହେଲା ସେତେବେଳେ ହ. ଅଲୀ ର.ଅ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କିଛି ଅର୍ଥ ଦାନ ସ୍ୱରୂପ ପେଠ କରି କହିଲେ କି ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଆପଣଙ୍କ ଠାରୁ କୌଣସି ପ୍ରସଙ୍ଗରେ ପରାମର୍ଶ ନେବାକୁ ଚାହୁଁଛି । ଅତଏବ ଆଁହଜରତ ସ.ଅ ପୃଥକ ହୋଇ ହ. ଅଲୀ ର.ଅଙ୍କ ସହିତ କଥାବାର୍ତ୍ତା କଲେ । ଅତଏବ କୌଣସି ସାହାବୀ ଯାଇ ହ. ଅଲୀ ର.ଅଙ୍କୁ ପଚାରିଲେ ଯେ, ଆପଣ କେଉଁ ବିଷୟରେ ଆଁହଜ଼ରତ ସ.ଅଙ୍କ ଠାରୁ ପରାମର୍ଶ ଲୋଡ଼ିଥିଲେ । ହ. ଅଲୀ ର.ଅ ଉତ୍ତରେ ଦେଲେ ଯେ, କୌଣସି ବିଶେଷ କଥା ସଂପର୍କରେ ପରାମର୍ଶ ତ' ନଥିଲା । କିନ୍ତୁ ମୁଁ ଚାହିଁଲି ଯେ, କୁରଆନ୍ କରୀମ୍‌ର ଏହି ଆଦେଶ ଉପରେ କାର୍ଯ୍ୟାନୁସରଣ କରାଯାଉ ।

ଉମ୍ମୁଲ୍ ମୁମିନୀନ୍ ହ. ଉମ୍ମେ ସଲ୍‌ମା ର.ଅ ବର୍ଣ୍ଣନା କରନ୍ତି କି ମୁଁ ସାକ୍ଷ୍ୟ ଦେଉଅଛି ଯେ, ମୁଁ ଆଁହଜ଼ରତ ସ.ଅଙ୍କୁ ଏହା କହୁଥିବାର ଶୁଣିଛି ଯେ, ଯେଉଁ ବ୍ୟକ୍ତି ହ. ଅଲୀ ର.ଅଙ୍କ ପ୍ରତି ଆନ୍ତରିକତା ଭାବ ପ୍ରଦର୍ଶନ କରେ ସେ ମୋ ସହିତ ଆନ୍ତରିକତା ପ୍ରଦର୍ଶନ କଲା ଏବଂ ଯିଏ ହ. ଅଲୀ ର.ଅଙ୍କ ସହିତ ବୈରାଗ୍ୟ ଭାବ ପ୍ରଦର୍ଶନ କରେ ତାହାହେଲେ ସିଏ ମୋ ପ୍ରତି ମଧ୍ୟ ବୈରାଗ୍ୟ ଭାବ ପ୍ରଦର୍ଶନ କଲା ଏବଂ ଯିଏ ମୋ ପ୍ରତି ବୈରାଗ୍ୟ ଭାବ ପ୍ରଦର୍ଶନ କରେ ସିଏ ଅଲ୍ଲାଃତାଲାଙ୍କ ପ୍ରତି ମଧ୍ୟ ବୈରାଗ୍ୟ ଭାବ ପ୍ରଦର୍ଶନ କଲା ।

ହଜ଼ରତ ଅଲୀ ର.ଅ କହିଲେ କି ସେହି ପବିତ୍ର ସତ୍ତାଙ୍କର ଶପଥ କରି କହୁଛି ଯିଏ ବୀଜକୁ ଫାଡ଼ିଲେ ଏବଂ ଆତ୍ମାକୁ ଜନ୍ମ ଦେଲେ । ନିଃସନ୍ଦେହ ରୂପେ ନବୀ କରୀମ୍ ସ.ଅଙ୍କର ମୋ ସହିତ ଏହି ଚୁକ୍ତି ଥିଲା ଯେ, ମୋ ସହିତ କେବଳ ଜଣେ ବିଶ୍ୱାସକାରୀ ହିଁ ପ୍ରେମଭାବ ପ୍ରଦର୍ଶନ କରିବ ଏବଂ କେବଳ ଜଣେ କପଟ ବିଶ୍ୱାସୀ ହିଁ ମୋ ପ୍ରତି ବୈରାଗ୍ୟ ଭାବ ପ୍ରଦର୍ଶନ କରିବ । ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି କି ରସୁଲ୍ କରୀମ୍ ସ.ଅ ମୋତେ ଡ଼କାଇଲେ ଏବଂ କହିଲେ କି ତୁମର ଉଦାହରଣ ହ. ଇସା ଅ.ସଙ୍କ ପରି । ଇହୁଦୀମାନେ ହ. ଇସା ଅ.ସଙ୍କ ପ୍ରତି ଏଭଳି ବୈରାଗ୍ୟଭାବ ପ୍ରଦର୍ଶନ କଲେ କି ତାଙ୍କ ମାତା'ଙ୍କ ଉପରେ ଲାଞ୍ଛନ ଲଗାଇଲେ ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ହ. ଇସା ଅ.ସଙ୍କ ପ୍ରେମରେ ଏଭଳି ସୀମା ଲଂଘନ କଲେ ଯେ, ସେମାନେ ତାଙ୍କୁ ସେହି ମର୍ଯ୍ୟାଦା ପ୍ରଦାନ କରିଦେଲେ ଯାହାର ସେ ଅଧିକାରୀ ନଥିଲେ । ପୁନଶ୍ଚ ହ. ଅଲୀ ର.ଅ କହିଲେ  ସାବଧାନ ! ମୋ ସଂପର୍କରେ ଦୁଇ ପ୍ରକାରର ଲୋକମାନେ ବିନାଶ ହେବେ । ପ୍ରଥମ ଗୋଷ୍ଠୀ ହେଉଛନ୍ତି, ଯେଉଁମାନେ ମୋ ପ୍ରେମ ଭାବରେ ଅତିଶୟତା ଅବଲମ୍ବନ କରି ମୋତେ ସେହି ମର୍ଯ୍ୟାଦା ପ୍ରଦାନ କରିବେ ଯେଉଁ ମର୍ଯ୍ୟାଦାଟି ମୋ ପାଇଁ ଉଦ୍ଦିଷ୍ଟ ନାହିଁ ଏବଂ ଦ୍ୱିତୀୟ ଗୋଷ୍ଠୀ ହେଉଛନ୍ତି, ଯେଉଁମାନେ ମୋ ପ୍ରତି ବୈରାଗ୍ୟ ଭାବ ପ୍ରଦର୍ଶନ କରିବେ ଏବଂ ମୋ ସହିତ ଶତ୍ରୁତା କରି ମୋ ଉପରେ ଲାଞ୍ଛନ ଲଗାଇବେ । ହ. ଅଲୀ ର.ଅଙ୍କ ନିକଟକୁ ଯେତେବେଳେ ବି ମାଲେ ଫୈ (ଶତ୍ରୁର ମୁକାବିଲା ନକରି ଯେଉଁ ଧନ ଅର୍ଜିତ ହୋଇଥାଏ) ଆସୁଥିଲା ସେତେବେଳେ ଆପଣ ସେହି ସମସ୍ତ ଧନକୁ ବାଣ୍ଟି ଦେଉଥିଲେ । ଆପଣ କହୁଥିଲେ ଯେ, ହେ ସଂସାର ! ଯା ତୁ ମୋ ବ୍ୟତୀତ ଅନ୍ୟକୁ ଯାଇ ପ୍ରବଞ୍ଚନା ଦେ । ସେ ସହି ଧନରୁ କାଣିଚିଏ ବି ନିଜ ପାଇଁ ରଖୁ ନଥିଲେ ଓ ନା ହିଁ କୌଣସି ଘନିଷ୍ଠ ବନ୍ଧୁ କିମ୍ବା ନିକଟ ସଂପର୍କୀୟଙ୍କୁ ତହିଁରୁ କିଛି ଅଂଶ ପ୍ରଦାନ କରୁଥିଲେ । ସେ ଗଭର୍ନର ଏବଂ ଉଚ୍ଚ ପଦବୀ କେବଳ ବିଶ୍ୱସ୍ତ ଏବଂ ସନ୍ତକ ରକ୍ଷାକାରୀ ଲୋକଙ୍କୁ ହିଁ ପ୍ରଦାନ କରୁଥିଲେ ।

ବର୍ଣ୍ଣନାକାରୀ କହନ୍ତି କି ହ. ଅଲୀ ର.ଅ ଏକ ଚାବୁକ ଧରି ବଜାରରେ ଚାଲୁଥିଲେ ଏବଂ ଲୋକମାନଙ୍କୁ ଅଲ୍ଲାଃତାଲାଙ୍କର ଧର୍ମପରାୟଣତା ଅବଲମ୍ବନ କରିବା ପ୍ରତି, ସତ୍ୟ କହିବା, ଉତ୍ତମ ରୂପେ କିଣାବିକା କରିବା, ଏବଂ ସଠିକ ଓଜ଼ନର ମାପକୁ ପୂର୍ଣ୍ଣ କରିବା ପ୍ରତି ଆହ୍ୱାନ ଦେଉଥିଲେ । ହଜ଼ରତ ମସିହ୍ ମଉଦ୍ ଅ.ସ ନିଜର ଏକ ସ୍ୱପ୍ନ ବର୍ଣ୍ଣନା କରି କହନ୍ତି ଯେ, ଏକଦା ମୁଁ ବିନା ସ୍ୱପ୍ନରେ ଅବଲୋକନ କଲି ଯେ, ମୁଁ ହଜ଼ରତ ଅଲୀ ର.ଅ ହୋଇ ଯାଇଛି ଏବଂ ଜଣେ ଖୱାରିଜର ଗୋଟିଏ ଦଳ ମୋର ଖିଲାଫତ୍‌କୁ ବିରୋଧ କରୁଛି । ସେତେବେଳେ ମୁଁ ଦେଖିଲି ଯେ, ରସୁଲ୍ କରୀମ୍ ସ.ଅ ମୋ ପାଖରେ ଅଛନ୍ତି ଏବଂ ସ୍ନେହ ଓ ଆଦରରେ ମୋତେ କହୁଛନ୍ତି يَا عَلِي دَعْهُمْ وَ اَنْصَارَهُمْ وَ زِرَاعَتَهُمْ ଅର୍ଥାତ ହେ ଅଲୀ ! ତାଙ୍କ ଠାରୁ ତଥା ତାଙ୍କର ସହାୟକମାନଙ୍କ ଠାରୁ ଏବଂ ତାଙ୍କର ଅର୍ଜିତ ଧନ ଠାରୁ ତୁମେ ଦୂରେଇ ରୁହ ଏବଂ ତାଙ୍କ ପ୍ରତି ବିତୃଷ୍ଣା ଭାବ ପ୍ରଦର୍ଶନ କର ।

ଅନ୍ୟ ଏକ ସ୍ଥାନରେ ଉକ୍ତ ଘଟଣାଟି ବର୍ଣ୍ଣିତ ହୋଇଛି ଯେ, ଅମୀର ମୁଆୱିୟା ଜରାର୍ ସୌଦାଇଙ୍କୁ କହିଲା କି ମୋତେ ହ. ଅଲୀଙ୍କ ବିଶେଷ ଗୁଣ ସଂପର୍କରେ କୁହ । ସେ କହିଲା କି ହେ ଅମୀରୁଲ୍ ମୁମିନୀନ୍ ମୋତେ କ୍ଷମା କରନ୍ତୁ। ଅମୀର୍ ମୁଆୱିୟା କହିଲା କି ତୁମକୁ କହିବାକୁ ପଡ଼ିବ । ଜରାର୍ କହିଲା ଯଦି ଆପଣ ଶୁଣିବାକୁ ଚାହୁଁଛନ୍ତି ତେବେ ଶୁଣନ୍ତୁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ହଜ଼ରତ ଅଲୀ ସତ୍‌ସାହସ ଏବଂ ବଳଶାଳୀ ବ୍ୟକ୍ତିତ୍ୱର ଅଧିକାରୀ। ସେ ନିର୍ଣ୍ଣାୟକ କଥା କୁହନ୍ତି ଏବଂ ନ୍ୟାୟ ସଙ୍ଗତ ନ୍ୟାୟ ପ୍ରଦାନ କରୁଥିଲେ । ସେ ଜ୍ଞାନ ଓ ପରିଚୟର ବହିଯାଉଥିବା ଝରଣା ଥିଲେ ଏବଂ ତାଙ୍କ କଥାରୁ ହିକମତ୍ (ବୁଦ୍ଧିମତା) ଝରୁଥିଲା । ସେ ସଂସାର ଏବଂ ତାହାର ଚାକଚକ୍ୟତାକୁ ଭୟ କରୁଥିଲେ ଏବଂ ରାତ୍ର ଏବଂ ଏକାନ୍ତବାସକୁ ଭଲ ପାଉଥିଲେ । ସେ ଅତି ଅଶ୍ରୁଳ ବ୍ୟକ୍ତି ଥିଲେ । ସେ ସରଳ ବସ୍ତ୍ର ପରିଧାନ ଏବଂ ଅତ୍ୟନ୍ତ ସାମାନ୍ୟତମ ଖାଦ୍ୟକୁ ପସନ୍ଦ କରୁଥିଲେ । ସେ ଆମମାନଙ୍କ ମଧ୍ୟରେ ଜଣେ ସାଧାରଣ

ବ୍ୟକ୍ତି ପରି ଜୀବନ ଅତିବାହିତ କରୁଥିଲେ । ଆମେମାନେ ଯେତେବେଳେ ତାଙ୍କୁ କୌଣସି ପ୍ରସଙ୍ଗରେ ପ୍ରଶ୍ନ କରୁଥିଲୁ ସେତେବେଳେ ସେ ଆମମାନଙ୍କୁ ତାହାର ଉତ୍ତର ପ୍ରଦାନ କରୁଥିଲେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି କି ତାଙ୍କର ଆମମାନଙ୍କ ସହିତ ଓ ଆମର ତାଙ୍କ ସହିତ ଅତ୍ୟନ୍ତ ଭାବପୂର୍ଣ୍ଣ ସଂପର୍କ ଥିଲା । ଆମେ କିନ୍ତୁ ତାଙ୍କର ବୟସ୍କତା ତଥା ବୟୋଜ୍ୟେଷ୍ଠ ମର୍ଯ୍ୟାଦା ସକାଶେ ତାଙ୍କୁ ସମ୍ମାନ ଓ ଭୟ କରୁଥିଲୁ ଏବଂ ତାଙ୍କ ସହିତ କମ୍ କଥାବାର୍ତ୍ତା ହେଉଥିଲୁ । ସେ ଧାର୍ମିକ ବ୍ୟକ୍ତିଙ୍କୁ ସମ୍ମାନ ଜଣାଉଥିଲେ ଏବଂ ଦରିଦ୍ରମାନଙ୍କୁ ନିଜ ପାଖରେ ସ୍ଥାନ ଦେଉଥିଲେ । କୌଣସି ଶକ୍ତିଶାଳୀ ବ୍ୟକ୍ତି ଏହି ଆକାଂକ୍ଷା ପୋଷଣ କରି ପାରିବ ନାହିଁ ଯେ, ସେ ନିଜର ମିଥ୍ୟା କଥା କହି ତାଙ୍କୁ ରାଜି କରାଇ ନେବ ଏବଂ କୌଣସି ଦୁର୍ବଳ ବ୍ୟକ୍ତି ଆପଣଙ୍କର ନ୍ୟାୟ ଓ ନିର୍ଣ୍ଣୟରୁ ହତୋତ୍ସାହିତ ହେଉ ନଥିଲା । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, କେତେକ ଅବସରରେ ମୁଁ ଦେଖିଛି ଯେ, ଯେତେବେଳେ ରାତି ପାହି ଯାଉଥିଲା ଏବଂ ତାରକାମାନେ ମଳିନ ପଡ଼ି ଯାଉଥିଲେ ସେତେବେଳେ ଆପଣ ନିଜର ଦାଢିକୁ ଧରି ଏଭଳି ଛଟପଟ ହେଉଥିଲେ ଯେପରି ସର୍ପ ଦଂଶନ କରିଥିବା ବ୍ୟକ୍ତି ଛଟପଟ ହୋଇଥାଏ ଏବଂ ଅତ୍ୟନ୍ତ ଦୁଃଖଭୋଗୀ ପରି ରୋଦନ  କରୁଥିଲେ ଏବଂ କହୁଥିଲେ ଯେ, ହେ ସଂସାର ! ଯା ତୁ ମୋ ବ୍ୟତୀତ ଅନ୍ୟକୁ ଯାଇ ପ୍ରବଞ୍ଚନା ଦେବୁ । ତୁ କାହିଁକି ବା ମୋ ସଙ୍ଗତ ଧରିଛୁ ଏବଂ ମୋତେ ସଜାଇ ହୋଇ ଦେଖାଉଛୁ । ଏହା କଦାପି ସମ୍ଭବ ନୁହେଁ ଯେ ମୁଁ ତୋ ଚାକଚକ୍ୟରେ କବଳିତ ହୋଇଯିବି । ମୁଁ ତୋତେ ତିନୋଟି ତଲାକ୍ ଦେଇ ଦେଲି । ଏହାପରେ ଲେଉଟିବାର କୌଣସି ବାଟ ନାହିଁ । କାରଣ ତୋର ବୟସ ସ୍ୱଳ୍ପ ଏବଂ ତୁ କ୍ଷଣସ୍ଥାୟୀ ଅଟୁ । ଏପରି ହ. ଅଲୀ ର.ଅ ସଂସାରକୁ ସମ୍ବୋଧନ କରି କହିଥିଲେ। ଆହା ପଥ ସାମଗ୍ରୀ କେତେ ସ୍ୱଳ୍ପ ଏବଂ ଯାତ୍ରା ଦୀର୍ଘ ଏବଂ ମାର୍ଗ ଅତ୍ୟନ୍ତ ଜନାକୀର୍ଣ୍ଣ ତଥା ଭୟଙ୍କର ଅଟେ । ଜରାର୍ ହ. ଅଲୀଙ୍କ ସଂପର୍କର ଏହି କଥା କହିଲା ।  ଏହାକୁ ଅମୀର୍ ମୁଆୱିୟା ଶୁଣି କାନ୍ଦି ପକାଇଲେ ଏବଂ କହିଲେ ଅଲ୍ଲାଃତାଲା ଅବୁଲ୍ ହସନ୍ ଉପରେ ଦୟାବୀର୍ଣ୍ଣ କରନ୍ତୁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ସେ ଏହିପରି ହିଁ ବ୍ୟକ୍ତି ଥିଲେ । ହେ ଜରାର୍ ଅଲୀ ର.ଅଙ୍କ ବିୟୋଗରେ ତୁମେ କେତେ ମର୍ମାହତ ହୋଇଛ ? ଜରାର୍ କହିଲା ମୁଁ ସେହିପରି ମର୍ମାହତ ହୋଇଛି ଯେପରି ଜଣେ ମହିଳାର ଶିଶୁକୁ ତା'ରି କୋଳରେ ହିଁ ହତ୍ୟା କରି ଦିଆଯାଏ ।

ହ. ଅଲୀ ର.ଅଙ୍କ ମାହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କହନ୍ତି : ତହିଁରେ ମଧ୍ୟ ତିଳେମାତ୍ର ସନ୍ଦେହ ନାହିଁ ଯେ, ହଜ଼ରତ ଅଲୀ ର.ଅ ସତ୍ୟାନ୍ୱେଷୀଙ୍କ ପାଇଁ ଏକ ଆଶାର ସ୍ଥାନ ଏବଂ ବଦାନ୍ୟଙ୍କ ପାଇଁ ଅତୁଲ୍ୟ ଆଦର୍ଶ ଏବଂ ଅଲ୍ଲାଃତାଲାଙ୍କ ଭକ୍ତମାନଙ୍କ ପାଇଁ ହୁଜ୍ଜତୁଲ୍ଲାଃ (ସିଦ୍ଧ ପ୍ରମାଣ) ଥିଲେ । ସେହିପରି ନିଜ ସମୟରେ ଲୋକମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତି ଥିଲେ ଏବଂ ଦେଶକୁ ଆଲୋକିତ କରିବା ପାଇଁ ଅଲ୍ଲାଃତାଲାଙ୍କର ପ୍ରକାଶ ଥିଲେ ।

ହଜ଼ରତ ଅଲୀ ର.ଅ ଜଣେ ଧର୍ମପରାୟଣ ବ୍ୟକ୍ତି ଏବଂ ତାଙ୍କର ଅର୍ନ୍ତଆତ୍ମା ପବିତ୍ର ଲୋକମାନଙ୍କ ମଧ୍ୟରୁ ଜଣେ ଅଟନ୍ତି ଯେଉଁମାନେ ଅଶେଷ ଦୟାବାନ ଈଶ୍ୱରଙ୍କ ନିକଟରେ ସବୁଠାରୁ ଅଧିକ ପ୍ରିୟ ଥିଲେ ଏବଂ ସେ ଜାତିର ବୟୋଜ୍ୟେଷ୍ଠ ତଥା ତାଙ୍କ ସମୟର ଅଧିପତିମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ସର୍ବଶକ୍ତିମାନ ଈଶ୍ୱରଙ୍କର ସିଂହ ଥିଲେ । ଅଶେଷ ଦୟାବାନ ପରମେଶ୍ୱରଙ୍କର ଜଣେ ସାହସୀ ଏବଂ ବଦାନ୍ୟ ତଥା ପବିତ୍ର ହୃଦୟ ବ୍ୟକ୍ତି ଥିଲେ । ସେ ଏଭଳି ଜଣେ ସାହସୀ ବ୍ୟକ୍ତି ଥିଲେ ଯେ, ଯଦି ତାଙ୍କ ବିପକ୍ଷରେ ଶତ୍ରୁର ଏକ ବିଶାଳ ସେନା ଛିଡ଼ା ହୋଇଥାଉ ପଛେ ସେ ରଣ ଭୂମିରେ ନିଜର ସ୍ଥାନରୁ ବିଚ୍ୟୁତ ହେଉ ନଥିଲେ । ସେ ନିଜର ସମଗ୍ର ଜୀବନ ଅଭାବ ଓ ଅନଟନ ଦେଇ ଅତିବାହିତ କରିଥିଲେ ଏବଂ ମାନବଜାତିର କିସମ ମଧ୍ୟରୁ ଭକ୍ତି ତଥା ପବିତ୍ରତାର ଶୀର୍ଷରେ ଅଧିଷ୍ଠିତ ଥିଲେ । ତତ୍‌ସହିତ ସେ ଅତ୍ୟନ୍ତ ମିଷ୍ଟଭାଷୀ ଏବଂ ଉଚ୍ଚକୋଟିର ଭାଷା ପ୍ରୟୋଗକାରୀ ଓ ବାକପଟୁ ବ୍ୟକ୍ତି ଥିଲେ । ତାଙ୍କର କଥନଗୁଡ଼ିକ ହୃଦୟର ଅତଳ ଗହ୍ୱର ପର୍ଯ୍ୟନ୍ତ ଓହ୍ଲାଇ ଯାଉଥିଲା ଏବଂ ଏହା ଦ୍ୱାରା ମସ୍ତିଷ୍କର କଳଙ୍କି ମଧ୍ୟ ପରିଷ୍କାର

ହୋଇ ଯାଉଥିଲା ଏବଂ ପ୍ରମାଣର ଆଲୋକ ଦ୍ୱାରା ମୁଖମଣ୍ଡଳ ଆଲୋକିତ ହୋଇ ଯାଉଥିଲା । ସେ ଅସହାୟ-ମାନଙ୍କର ଦୁଃଖ ଓ ଦୁର୍ଦ୍ଦଶାକୁ ଦୂର କରିବା ପ୍ରତି ଦୃଷ୍ଟି ଆକର୍ଷଣକାରୀ ତଥା ମିତବ୍ୟୟୀ ବ୍ୟକ୍ତି ଥିଲେ ଏବଂ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିଙ୍କୁ ଖାଦ୍ୟ ଖୁଆଇବା ପାଇଁ ଆଦେଶ ଦେଉଥିଲେ । ତତ୍‌ସହିତ ସେ କୁର୍‌ଆନୀୟ ପରିଚୟକୁ ପାନ କରିବାରେ ପୂର୍ବଜମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ତାଙ୍କୁ କୁର୍‌ଆନୀୟ ଗୂଢ ରହସ୍ୟ ଏବଂ ଅର୍ଥବୋଧର ଏକ ଅଭୂତପୂର୍ବ ବୌଦ୍ଧିକତା ପ୍ରଦାନ କରାଯାଇଥିଲା । ମୁଁ ଜାଗ୍ରତାବସ୍ଥାରେ ତାଙ୍କୁ ଦେଖିଅଛି । ନା କି ନିଦ୍ରାବସ୍ଥାରେ । ମୁଁ ହ. ଅଲୀ ର.ଅଙ୍କୁ ମାନବଜାତି ମଧ୍ୟରେ ଉପଯୁକ୍ତ ଏବଂ ଆଚାର ବ୍ୟବହାରରେ ସଂକଳ୍ପବଦ୍ଧ ତଥା ଅତିଥିସତ୍କାର ସ୍ୱଭାବ, ପ୍ରକାଶବାନ ଓ ପ୍ରଜ୍ଞାବାନ ରୂପେ ପାଇଲି । ଏହି ସ୍ୱପ୍ନଟି ଜାଗ୍ରତାବସ୍ଥାର ସ୍ୱପ୍ନ ମଧ୍ୟରୁ ଗୋଟିଏ ଥିଲା ଏବଂ ଏହା ଉପରେ ଅନେକ ବର୍ଷ ବିତି ଗଲାଣି । ମୋତେ ହ. ଅଲୀ ର.ଅଙ୍କ ସହିତ ଏବଂ ହ. ହୁସୈନ୍ ର.ଅଙ୍କ ସହିତ ଏକ ସୂକ୍ଷ୍ମ ତଥା ପବିତ୍ର ସଂପର୍କ ରହିଛି ଏବଂ ଉକ୍ତ ସଂପର୍କର ବାସ୍ତବିକତାକୁ ପୂର୍ବ ଓ ପଶ୍ଚିମର ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ ଏବଂ ମୁଁ ହ. ଅଲୀ ଏବଂ ତାଙ୍କର ଦୁଇ ପୁତ୍ରଙ୍କୁ ଭଲପାଏ ଏବଂ ଯେଉଁ ବ୍ୟକ୍ତି ତାଙ୍କ ପ୍ରତି ଶତ୍ରୁତା ରଖେ ମୁଁ ସେହି ବ୍ୟକ୍ତି ସହିତ ଶତ୍ରୁତା ରଖୁଛି । ହୁଜୁର ଅନୱର୍ ଅ.ବ କହିଲେ ଏଠାରେ ବର୍ତ୍ତମାନ ହ. ଅଲୀ ର.ଅଙ୍କ ଚର୍ଚ୍ଚା ସମାପ୍ତ ହେଲା । **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଅନ୍ୟ ପ୍ରସଙ୍ଗରେ ଚର୍ଚ୍ଚା ଆରମ୍ଭ ହେବ ।

ଖୁତ୍‌ବା ଜୁମାର ଶେଷରେ ହୁଜୁର ଅନୱର ଅ.ବ କହିଲେ **ଇନ୍‌ଶାଅଲ୍ଲାଃ** ନମାଜ଼ ପରେ ମୁଁ ଏକ ନୂତନ ଟି.ଭି ଚ୍ୟାନେଲର ଉଦ୍‌ଘାଟନ କରିବି ଯାହା ୨୪ ଘଣ୍ଟା ଧରି ନିଜର ପ୍ରସାରଣ ଜାରି ରଖିବ । ଉକ୍ତ ଚ୍ୟାନେଲଟି ହେଲା ଏମ.ଟି.ଏ ଘାନା । ଏହା ଡ଼ିଜ଼ିଟାଲ୍ ପ୍ଲାଟଫର୍ମରେ ୨୪ ଘଣ୍ଟା ଧରି ପ୍ରସାରିତ ହୋଇ ପାରୁଥିବା ନୂତନ ରାଷ୍ଟ୍ରୀୟ ଚ୍ୟାନେଲ ହେବ । ଏମ.ଟି.ଏ ଘାନା ସାଟେଲାଇଟ୍ ଡ଼ିଶ୍‌ର ଆବଶ୍ୟକତା ବ୍ୟତୀତ ଏକ ସାଧାରଣ ଏରିଏଲ୍ (ଆଣ୍ଟିନା) ମାଧ୍ୟମରେ ମଧ୍ୟ ଦେଖାଯାଇ ପାରିବ । **ଇନ୍‌ଶାଅଲ୍ଲାଃ** । ଯେପରି ମୁଁ କହିଲି କି ନମାଜ଼ ଜୁମା ପରେ ଉକ୍ତ ଚ୍ୟାନେଲର ଶୁଭ ଉଦ୍‌ଘାଟନ କରିବି ।

ଦ୍ୱିତୀୟ କଥା ଯାହାପ୍ରତି ମୁଁ ଆପଣମାନଙ୍କର ଦୃଷ୍ଟିଆକର୍ଷଣ କରିବାକୁ ଚାହୁଁଛି ଯେ, ଆଜିକାଲି ପାକିସ୍ତାନ ଏବଂ ଉପଦ୍ୱୀପର ଅସୀରାନ୍‌ମାନଙ୍କ ପାଇଁ ଦୁଆ କରିବେ । ବିଶେଷ କରି ଅଲ୍ଲାଃତାଲା ସେମାନଙ୍କର କାରାମୁକ୍ତ ହେବାର ସାଧନ ସୃଷ୍ଟି କରନ୍ତୁ । ପାକିସ୍ତାନର ପରିସ୍ଥିତି ସାମାନ୍ୟ ହେବା ପାଇଁ ମଧ୍ୟ ଦୁଆ କରନ୍ତୁ ଅଲ୍ଲାଃତାଲା ଅହେମଦିମାନଙ୍କୁ ସେଠାରେ ଶାନ୍ତିପୂର୍ଣ୍ଣ ଭାବରେ ଜୀବନ ଯାପନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିରୋଧୀମାନଙ୍କ ମୁଣ୍ଡରେ ଅଲ୍ଲାଃତାଲା ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । କିନ୍ତୁ ଏହାପରେ ବି ଯଦି ସେମାନଙ୍କ ସଂସ୍କାର ଅସମ୍ଭବ ତେବେ ଅଲ୍ଲାଃତାଲା ସେମାନଙ୍କ ସହିତ ଯାହା ବ୍ୟବହାର ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ତାହା କରନ୍ତୁ ଏବଂ ସେମାନଙ୍କ ଅନ୍ୟାୟ ଓ ଅତ୍ୟାଚାରରୁ ଯଥାଶୀଘ୍ର ଆମମାନଙ୍କୁ ମୁକ୍ତ କରନ୍ତୁ ।

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ଯହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ଯୁଜ଼୍‌ଲିଲହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ଯାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ଼୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

........................

KHULASA KHUTBA JUMA HUZOOR ANWAR a.b.a

15th Jan. 2021